# ଅତିରିକ୍ତ ଜିଲ୍ଲାପାଳ ନେଲେ କୋଭିଡ ଟୀକା ।

ଅନୁଗୋଳ, ତା.୦୧.୦୩:- ରାଜ୍ୟରେ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ବିଭିନ୍ନ ବିଭାଗର କର୍ମଚାରୀ ମାନଙ୍କୁ କୋଭିଡ ଟୀକା ପ୍ରଦାନ କରାଯାଉଛି ।ଏହି ପରିପ୍ରେକ୍ଷୀରେ ଅନୁଗୋଳ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥି ଆଜି ପୂର୍ବାହ୍ନରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଠାରେ କୋଭିସିଲ୍ଡ ଟୀକାର ପ୍ରଥମ ଡୋଜ ଗ୍ରହଣ କରିଛନ୍ତି । ଦୀର୍ଘ ୧୭ ବର୍ଷ ଧରି ସେ ମଧୁମେହ ରୋଗରେ ପୀଡିତ ହେବା ସହ ତାଙ୍କ ହାର୍ଟରେ ଅସ୍ତ୍ରୋପଚାର କରାଯାଇ ୩ ଟି ଷ୍ଟେଣ୍ଟ ଲଗାଯାଇଛି ।ଏଭଳି ଜଟିଳ ସ୍ୱାସ୍ଥ୍ୟ ସମସ୍ୟା ଥାଇ ସେ ଏହି ଟୀକା ଗ୍ରହଣ କରି ଅନ୍ୟ ମାନଙ୍କୁ ଏହି ଟୀକା ଗ୍ରହଣ କରିବାକୁ ପ୍ରେରଣା ଯୋଗାଇଛନ୍ତି । ଆଜି ସକାଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଠାରେ ଅତିରିକ୍ତ ଜିଲ୍ଲାପାଳଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଟୀକା ଗ୍ରହଣ କରିବାକୁ ଡାକ୍ତର ତାଙ୍କୁ ପରାମର୍ଶ ଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ ଏହି ଟୀକା ଗ୍ରହଣ କରିବା ପରେ ଅଧା ଘଣ୍ଟା ଚିକିତ୍ସାଳୟରେ ବିଶ୍ରାମ ନେଇଥିଲେ ଏବଂ ଟୀକାର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନ ଥିବାର ସେ ହୃଦୟଙ୍ଗମ କରି ନିଜ କାର୍ଯ୍ୟରେ ଯୋଗ ଦେଇଥିଲେ । ଏହି ଟୀକାକରଣ ସମୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା.ଅଭୟ କୁମାର ଦାଶ ଓ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

